# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 October - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନାର ୩୫ ଲକ୍ଷ ହିତାଧିକାରୀଙ୍କୁ ୧ ହଜାର ୭୫୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ
- ଭାରତୀୟ ରିଜର୍ଭ ବ୍ୟାଙ୍କ ଅପରିବର୍ତ୍ତିତ ରଖିଲା ରେପୋ ରେଟ୍
- ଜଗତ୍‌ଜନନୀଙ୍କର ଧରାପୃଷ୍ଠକୁ ଅବତରଣ ନେଇ ପୂଜାମଣ୍ଡପଗୁଡ଼ିକରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ
- ଉତ୍କଳମଣି ଗୋପବନ୍ଧୁଙ୍କର ଜୟନ୍ତୀ ଅବସରରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି

ଏବଂ

- ଡାକସେବା ଏବଂ ଡାକବିଭାଗ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ପାଇଁ ଆଜି ପାଳନ କରାଯାଉଛି ବିଶ୍ୱ ଡାକ ଦିବସ

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ୩୫ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟର ସହାୟତା ରାଶି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାରିପଦାଠାରେ ଆୟୋଜିତ ଏକ ସଭାରେ ପ୍ରଦାନ କରିଛନ୍ତି। ଏହି ପର୍ଯ୍ୟାୟରେ ୧ ହଜାର ୭୫୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବର୍ତ୍ତମାନସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ଏବଂ ଆଜି ୩୫ ଲକ୍ଷ ହିତାଧିକାରୀଙ୍କୁ ମିଶାଇ ମୋଟ୍ ଏହି ଯୋଜନାରେ ରାଜ୍ୟର ୬୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଯୋଜନାରେ ଅଦ୍ୟାବଧି ଦୁଇଟି ପର୍ଯ୍ୟାୟରେ ସରକାର ୩ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ସୁଭଦ୍ରା ଯୋଜନା ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ସୁଭଦ୍ରା ଯୋଜନା ରାଜ୍ୟର ସର୍ବବୃହତ୍ ଆର୍ଥିକ ସହାୟତା ଯୋଜନା ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି.....

**- V/O -(CM)**

ସୂଚନାଯୋଗ୍ୟ, ଗତମାସ ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ମହିଳାମାନଙ୍କ ଉନ୍ନତି ଏବଂ ସାମର୍ଥ୍ୟ, ଓଡ଼ିଶାର ବିକାଶର ମୂଳ ମନ୍ତ୍ର ହେବ। ଦେଶର ବିକାଶରେ ନାରୀ ଶକ୍ତିର ସମ ଭାଗିଦାରିତା ଆବଶ୍ୟକତା ରହିଛି। କେନ୍ଦ୍ର

ସରକାର ଗରିବ, କୃଷକ, ଯୁବକ ଓ ନାରୀମାନଙ୍କ ଉନ୍ନତି ପାଇଁ ସର୍ବଦା କାର୍ଯ୍ୟ କରିଆସୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ରେପୋ ରେଟ୍

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ନୀତିଗତ ଭାବେ ଦଶମ ଥର ପାଇଁ ସୁଧହାର ରେପୋ ରେଟ୍‌ରେ ପରିବର୍ତ୍ତନ କରିନାହିଁ। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ୩ ଦିବସୀୟ ମୁଦ୍ରାନୀତି କମିଟିର ସମୀକ୍ଷା ବୈଠକ ପରେ କହିଛନ୍ତି, ରେପୋରେଟ୍ ୬ ଦଶମିକ ୫/୦ ପ୍ରତିଶତରେ ଅପରିବର୍ତ୍ତିତ ରହିଛି।

## ନବରାତ୍ରୀ ପୂଜା

ଜଗତ୍‌ଜନନୀ ମା’ ଦୁର୍ଗାଙ୍କୁ ଆଜି ବିଲ୍ୱବରଣ କରାଯିବା ପରେ ମହାମାୟୀ ଆବାହନୀ ହେବେ। ମହାସପ୍ତମୀରେ ପୂଜାମଣ୍ଡପଗୁଡ଼ିକରେ ମା’ ଦୁର୍ଗାଙ୍କର ଚକ୍ଷୁଦାନ କରାଯିବ। ରାଜ୍ୟର ପୁରପଲ୍ଲୀଠାରୁ ଆରମ୍ଭ କରି ମହାମାୟୀ ଜଗତ୍‌ଜନନୀଙ୍କର ଧରାପୃଷ୍ଠକୁ ଧରାବତ୍ତରଣ କରିବା ପାଇଁ ସମସ୍ତ ପୂଜା ମଣ୍ଡପଗୁଡ଼ିକରେ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ପୂଜା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ କଟକରେ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଚଳିତବର୍ଷ ଭୁବନେଶ୍ୱରରେ ୧୮୭ଟି ପୂଜା ମଣ୍ଡପରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବେ । କଟକରେ ୧୬୬ଟି ମେଢ଼ ନିର୍ମାଣ କରାଯାଇଛି । କଟକ ସହରରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଆଜି ଅପରାହ୍ଣ ୪ଟାରୁ

ଟ୍ରାଫିକ୍ କଟକଣା ଲାଗୁ କରାଯିବ । ସେହିପରି ଭୁବନେଶ୍ୱରରେ ମଧ୍ୟ ଭିଡକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯାଇଛି ।

ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତିଙ୍କ ପୂଜାର୍ଚ୍ଚନା ପାଇଁ ଷଷ୍ଠୀପୂଜା ଅନୁଷ୍ଠିତ ହେଉଥିବାବେଳେ ଅନ୍ୟପଟେ ପୀଠଗୁଡ଼ିକରେ ଆଜି ସପ୍ତମୀ ପୂଜା ଅନୁଷ୍ଠିତ ହେଉଛି । ବିଭିନ୍ନ ପୀଠରେ ଦେବୀମାନଙ୍କୁ ଷୋଡଶ ଉପଚାର ବିଧିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମା' ଜଗତ୍‌ଜନନୀଙ୍କର ବିଭିନ୍ନ ବେଶରେ ସଜା ଯାଇଛି ।

**ପୁରୀ** ଶ୍ରୀମନ୍ଦିରରେ ଆଜି ଦୁର୍ଗୋତ୍ସବ ପର୍ବର ମହାସପ୍ତମୀ ପୂଜା ଅନୁଷ୍ଠିତ ହେଉଛି । ଶ୍ରୀମନ୍ଦିରରେ ମାଆ ବିମଳାଙ୍କ ନିକଟରେ ତ୍ରି-ଦିନାତ୍ମକ ସ୍ୱତନ୍ତ୍ର ପୂଜା ବିଧି ଅନୁଷ୍ଠିତ ହେବ । ମାଆ ବିମଳାଙ୍କୁ ପାଥେୟ କରି ଶ୍ରୀକ୍ଷେତ୍ରରେ ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ମଧ୍ୟ ସପ୍ତମୀ ପୂଜା ଆରମ୍ଭ ହୋଇଛି ।

ପଶ୍ଚିମ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ **କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାର ମାଆ ମାଣିକେଶ୍ୱରୀଙ୍କ ପୀଠ ଦେବୀ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି । ଏ ସମ୍ପର୍କରେ ଆମ କଳାହାଣ୍ଡି ସମ୍ବାଦଦାତା ସୁନୀଲ କୁମାର ପାଢ଼ୀଙ୍କ ରିପୋର୍ଟ....

# - V/O -

**ସୁବର୍ଣ୍ଣପୁର**ର ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କ ସହ ରାଜବାଟୀର କନକଦୁର୍ଗା, ସମଲାଇ, ଖମ୍ବେଶ୍ୱରୀ, ଭଗବତୀ, ରାମଚଣ୍ଡୀ, ଚରଦେଇ ପୀଠରେ ଆଜି ଆଶ୍ୱିନ ସପ୍ତମୀ ପୂଜା ଚାଲିଛି । ବୀରମହାରାଜପୁର

ଉପଖଣ୍ଡରେ ଥିବା ବିଭିନ୍ନ ପୀଠରେ ବାଡିନୃତ୍ୟ ଶୋଭାଯାତ୍ରାରେ ଆଜି ସନ୍ଧ୍ୟାରେ ଦେବୀ ମାହେଶ୍ୱରୀ ଓ ପରମେଶ୍ୱରୀ ମହାସ୍ନାନରେ ବାହାରିବେ। ସପ୍ତମୀ ତିଥିରୁ ନବମୀ ପର୍ଯ୍ୟନ୍ତ ଦେବୀପୀଠଗୁଡ଼ିକରେ ନିଶାପୂଜା ସହ ସନ୍ଧିପୂଜା ହେବାର ପରମ୍ପରା ରହିଛି।

**ଭଦ୍ରକ** ଜିଲ୍ଲା ଆରଡ଼ିର ବାବାଆଖଣ୍ଡଳମଣି ପୀଠରେ ଆଜି ଦେବୀ ଜୟଦୁର୍ଗାଙ୍କର ମାଆ ଦୁର୍ଗା ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ପାରମ୍ପରିକ ନୀତିକାନ୍ତିରେ ପୂଜାର୍ଚ୍ଚନା ହେବା ସହିତ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଆ ଭଦ୍ରକାଳୀ, ଧାମରାଇ, ଦକ୍ଷିଣେଶ୍ୱରି କାଳୀ, ସାତ ଭଉଣି, ମା' ବଙ୍କ ବାସୁଳି, ସୁବର୍ଣ୍ଣମୁଖି, କ୍ଷେତ୍ରବାସୀ, କାଳିତ୍ରା, ଦପାନାୟକାଣି, ସାହାଡ଼ାଶୁଣି, ପ୍ରମୁଖ ଶକ୍ତି ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେଉଛି।

## ଗୋପବନ୍ଧୁ ଦାସ ଜନ୍ମଜୟନ୍ତୀ

ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାମ୍ବାଦିକ, କବି, ଲେଖକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଜି ଜୟନ୍ତୀ ପାଳନ କରାଯାଉଛି । ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଥିଲେ ଆଧୁନିକ ଯୁଗର ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ । ଦେଶସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ କରାଯାଇଥିଲା ।

ଉତ୍କଳମଣିଙ୍କର ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଥିବା ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବାଚସ୍ପତି ସୁରମା ପାଢ଼ୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଗୋପବନ୍ଧୁ ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଗୋପବନ୍ଧୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯାଇଛି ।

**ପୁରୀ** ଶ୍ରୀମନ୍ଦିର ସିଂହଦ୍ୱାରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି । ସତ୍ୟବାଦୀ ବସଷ୍ଟାଣ୍ଡଠାରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସମେତ ବକୁଳ ବନ ସମାଧିସ୍ଥଳ ଏବଂ ସୁଆଣ୍ଡୋଠାରେ ମଧ୍ୟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଉତ୍କଳମଣିଙ୍କ ସ୍ମୃତି ଚାରଣ କରାଯାଇଥିଲା। **ମାଲକାନଗିରି** ଜିଲ୍ଲା ସଦର ମହକୁମାଠାରେ ଉତ୍କଳମଣିଙ୍କ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ଉତ୍କଳମଣୀଙ୍କ ସମାଜ ପ୍ରତି ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ।

## ବିଶ୍ୱ ଡାକ ଦିବସ

ଡାକସେବା ଏବଂ ଡାକ ବିଭାଗ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ପାଇଁ ଆଜି ବିଶ୍ୱ ଡାକ ଦିବସ ପାଳନ କରାଯାଉଛି। ୧୯୬୯ ମସିହାରେ ଟୋକିଓଠାରେ ଅନୁଷ୍ଠିତ 'ୟୁନିଭର୍ସାଲ ପୋଷ୍ଟାଲ୍ ୟୁନିୟନ୍'ର ଅଧିବେଶନରେ ଭାରତର ପ୍ରତିନିଧି ଆନନ୍ଦ ମୋହନ ନରୁଲାଙ୍କ ପ୍ରସ୍ତାବକ୍ରମେ ଡାକ ଦିବସ ପାଳନ

ପାଇଁ ଅନୁମୋଦନ ମିଳିଥିଲା। ୧୮୫୪ ମସିହା ଅକ୍ଟୋବର ମାସ ୧ ତାରିଖରେ ଭାରତ ସରକାର ଡାକ ବିଭାଗ ପ୍ରତିଷ୍ଠା କରିଥିଲେ। ଭାରତରେ ପିନ୍‌କୋଡ୍ ନମ୍ବର ବ୍ୟବସ୍ଥା ୧୯୭୨ ମସିହା ଅଗଷ୍ଟ ମାସ ୧୫ ତାରିଖରେ କାର୍ଯ୍ୟକାରୀ ହୋଇଥିଲା। ଭାରତୀୟ ଡାକବିଭାଗ ପିନ୍ କୋଡ୍ ନମ୍ବର ଆଧାରରେ ଡାକ ବିତରଣ ବ୍ୟବସ୍ଥା କରିଥାଏ। ଡାକ ବିଭାଗ ସର୍ବାଧିକ ବିଶ୍ୱସନୀୟ ଓ ସହଜ ମାଧ୍ୟମ ହୋଇଥିବାରୁ ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ଡାକ ବିଭାଗର ଯୋଗଦାନ ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ଆଜି ଏହି ଦିବସ ପାଳନ କରାଯାଉଛି। ଡାକ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଏହା ସହିତ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ଓ କୃତଜ୍ଞତା ଜଣାଇବା ବିଶ୍ୱ ଡାକ ଦିବସ ଏକ ଉତ୍ତମ ମଞ୍ଚ। ବିଶ୍ୱରେ ଏହି ଦିବସ ପାଳନ ଅବସରରେ ବିଭିନ୍ନ ସ୍ଥାନରେ ଡାକ ସାମଗ୍ରୀ ଓ ଡାକ ସେବାର ପ୍ରୋତ୍ସାହନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଚଳିତବର୍ଷର ବିଶ୍ୱ ଡାକ ଦିବସର ବାର୍ତ୍ତା ରହିଛି, '୧୫୦ ବର୍ଷ ଧରି ଦେଶ ଦେଶ ମଧ୍ୟରେ ଲୋକମାନଙ୍କୁ ନିରନ୍ତର ଡାକ ସେବା ମାଧ୍ୟମରେ ଯୋଡ଼ିବା।'

## ପଞ୍ଝୁକ

ପୁରୀରେ କାର୍ତ୍ତିକ ମାସ ବ୍ରତର ନୀତିକାନ୍ତି, ହବିଷ୍ୟାଳି ଏବଂ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ପଞ୍ଝୁକ ସମୟରେ ଭିଡ଼ ନିୟନ୍ତ୍ରଣ ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ସୂଚନା ଅନୁସାରେ, କାର୍ତ୍ତିକ ମାସରେ ରାତି ୧୨ଟାରେ ଶ୍ରୀଜୀଉଙ୍କ ପହୁଡ଼ ସଂପନ୍ନ ହୋଇ ରାତି ୪ଟାରେ ଦ୍ୱାର

ଫିଟାଯିବ। ଆଶ୍ୱିନ ଶୁକ୍ଲ ଏକାଦଶୀ ଅର୍ଥାତ୍ ଆସନ୍ତା ୧୪ ତାରିଖଠାରୁ ଶ୍ରୀମନ୍ଦିରରେ କାର୍ତ୍ତିକ ମାସ ବାଳଧୂପ ନୀତି ଆରମ୍ଭ ହେବ । ଚଳିତବର୍ଷ ପଞ୍ଚୁକ ୪ ଦିନ ପାଳନ କରାଯିବ । ଫଳରେ ପଞ୍ଚୁକ ସମୟରେ ମହାପ୍ରଭୁଙ୍କର ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହେବନାହିଁ । ପଞ୍ଚୁକର ଶେଷଦିନ ଅର୍ଥାତ୍ ନଭେମ୍ବର ୧୫ତାରିଖରେ ମହାପ୍ରଭୁଙ୍କର ସୁନାବେଶ ଅନୁଷ୍ଠିତ ହେବା ନେଇ ନୀତି ନିର୍ଘଣ୍ଟ ହୋଇଛି ।

## ସ୍ୱତନ୍ତ୍ର ଅଦାଲତ

ରାଜ୍ୟର ସମସ୍ତ ଜିଲ୍ଲାରେ ବନ୍ୟପ୍ରାଣୀ ଅପରାଧ ସଂପର୍କିତ ମାମଲାର ତ୍ୱରିତ ଶୁଣାଣି ପାଇଁ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ହେବ । ଏହି ସଂପର୍କରେ ହାଇକୋର୍ଟଙ୍କ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ଆଇନ ବିଭାଗର ସଚିବଙ୍କୁ ପତ୍ର ଲେଖାଯାଇଛି । ପ୍ରତି ଜିଲ୍ଲା ପାଇଁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଏବଂ ଜଣେ ଅତିରିକ୍ତ ମାଜିଷ୍ଟ୍ରେଟ୍‌ଙ୍କୁ ମାମଲାର ସମାଧାନ ପାଇଁ ନିଯୁକ୍ତ କରାଯାଇଛି ।  ସରକାରୀ ତଥ୍ୟ ଅନୁସାରେ ଗତ ୧୦ବର୍ଷ ମଧ୍ୟରେ ୨ହଜାର ୮ଶହ ଅଣସ୍ତୁରୀଟି ବନ୍ୟପ୍ରାଣୀ ହତ୍ୟା ଓ ତସ୍କରୀ ମାମଲାରେ ୬ ହଜାର ୯୬୦ ଜଣ ଗିରଫ କରାଯାଇଛି ।

******************************